بسم الله الرحمن الرحيم

# ୩୧ ଡ଼ିସେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ
## ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍‌ଦୁଲ୍ଲାଃ ବିନ୍ ଉସମାନ୍ [ର.ଅ]ଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] ସୁରେଃ ତୌବାଃର ଆୟତ୍ ସଂଖ୍ୟା ୪୦ର ମଧ୍ଯ ଆବୃତ୍ତି କଲେ । ସେଥିଅନ୍ତେ ହଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତବାରେ ମୁଁ ହଜରତ ଅବୁବକର ସିଦ୍ଦିକ୍ [ର.ଅ]ଙ୍କର ଗାରେ ସୋର'ର ଘଟଣା ଚର୍ଚ୍ଚା କରୁଥିଲି । ଉକ୍ତ ଘଟଣା ସମ୍ପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି; ଯଦି ତୁମେ ଏହି ରସୁଲଙ୍କର ସାହାଯ୍ୟ ନକର ସୁଦ୍ଧା ତଥାପି ଐଶ୍ୱର୍ଯ୍ୟମୟ ଅଲ୍ଲାଃତାଲା ତାଙ୍କର ଅବଶ୍ୟ ସାହାଯ୍ୟ କରିବେ । ଯେତେବେଳେ ଅମାନ୍ୟକାରୀମାନେ ତାଙ୍କୁ ମକ୍କାରୁ ବିତାଡ଼ିତ କରିଦେଲେ, ଏପରି ଅବସ୍ଥାରେ କି ସେ ଦୁଇ ଜଣ ମଧ୍ୟରୁ ଜଣେ ଥିଲେ । ଯେତେବେଳେ ସେ ଦୁହେଁ ଗୁମ୍ଫାରେ ଶରଣ ନେଇଥିଲେ । ସେ ନିଜ ସାଥିଙ୍କୁ କହୁଥିଲେ, ଯେ ତୁମେ ବ୍ୟସ୍ତ ହୁଅ ନାହିଁ, ସୁନିଶ୍ଚିତ ରୂପେ ଅଲ୍ଲାଃତାଲା ଆମ ସାଥିରେ ଅଛନ୍ତି । ସୁତରାଂ ଅଲ୍ଲାଃତାଲା ସେମାନଙ୍କୁ ଆଶ୍ୱାସନା ଦେଲେ ଏବଂ ଏଭଳି ସେନା ବାହିନୀ ଦ୍ୱାରା ତାଙ୍କର ସାହାଯ୍ୟ କଲେ ଯାହାଙ୍କୁ ତୁମେ ପୂର୍ବରୁ କଦାପି ଦେଖି ନଥିଲ । ସର୍ବଶକ୍ତିମାନ ପ୍ରଭୁ ସେମାନଙ୍କ କଥାକୁ ନିରର୍ଥକ କରିଦେଲେ ଯେ ଅମାନ୍ୟକାରୀ ଥିଲେ । କାରଣ ସର୍ବଶକ୍ତିମାନ ଅଲ୍ଲାଃତାଲାଙ୍କର କଥନ ହିଁ ସର୍ବଦା ବାସ୍ତବରେ ପରିଣତ ହୋଇଥାଏ ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।

ଯେତେବେଳେ ମକ୍କାର ଅମାନ୍ୟକାରୀମାନେ ଗୁମ୍ଫା ମୁହାଣରେ ଛିଡ଼ା ହୋଇ କଥା ହେଉଥିଲେ ସେତେବେଳେ ହଜରତ ଅବୁବକର[ର.ଅ] ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଧରା ପଡ଼ିଯିବା ଭୟରେ ବ୍ୟତିବ୍ୟସ୍ତ ହୋଇଗଲେ । ଏଥିରେ ହଜୁର[ସ.ଅ] କହିଲେ; ଲା ତହ୍‌ଯନ୍ ଇନ୍ନଲ୍ଲାହା ମାଆନା ଅର୍ଥାତ ହେ ଅବୁବକର ! ଦୁଃଖ କର ନାହିଁ ସୁନିଶ୍ଚିତ ରୂପେ ଅଲ୍ଲାଃତାଲା ଆମ ସାଥିରେ ଅଛନ୍ତି । ଗାରେ ସୋର'ର ପର୍ବତ ନିକଟରେ ପହଂଚିବା ପରେ ସନ୍ଧାନକାରୀ କହିଲା; ଏହିସ୍ଥଳୁ ସେମାନେ ଆଉ ଆଗକୁ ଅଗ୍ରସର ହୋଇ ନାହାନ୍ତି । ଏଥିରେ କେହି ଜଣେ ଗୁମ୍ଫା ଭିତରକୁ ଉଣ୍ଡିବାକୁ ଚେଷ୍ଟା କରିବାରୁ ଉମୟା ବିନ୍ ଖଲଫ୍ ଉତ୍ୟକ୍ତ ଓ ଅଣଆୟତ ହୋଇ କହି ଉଠିଲା, ମୁଁ ଏହି ବୁଢ଼ିଆଣୀ ଜାଲ ଓ ବୃକ୍ଷ ତ' ମୁହମ୍ମଦ ମୁସ୍ତଫାର ଜନ୍ମ ହେବା ପୂର୍ବରୁ ଦେଖିଆସୁଛି । କ'ଣ ତୁମେମାନେ ନିଜର ବୁଦ୍ଧିବିଚାର ହରାଇ ଦେଇଛ ? ସେ ଏଠାରେ କଦାପି ନଥିବେ ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] କୁହନ୍ତି; ମକ୍କାର ଅମାନ୍ୟକାରୀମାନେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କୁ ଜୀବିତ ଅବା ମୃତ ଧରି ଆଣିବା ବ୍ୟକ୍ତିଙ୍କୁ ୧୦୦ଗୋଟି ଓଟ ପୁରସ୍କାର ଦେବାର ଘୋଷଣା କରିଦେଇଥିଲେ । ଉକ୍ତ ପୁରସ୍କାର ଲାଭ କରିବା ଲାଳସାରେ ଅନେକ ଲୋକ ମକ୍କାର ଚତୁର୍ପାର୍ଶ୍ୱରେ ବାହାରି ଗଲେ । ଯେତେବେଳେ ମକ୍କାର ବିଶିଷ୍ଟ ବ୍ୟକ୍ତିମାନେ ଗୁମ୍ଫା ନିକଟରେ ପହଂଚିଲେ ସେତେବେଳେ ସେମାନେ ଦେଖିଲେ ଯେ ଗୁମ୍ଫାର ମୁହାଣରେ ଯେଉଁ ବୃକ୍ଷ ରହିଥିଲା ତାହାର ପ୍ରବେଶ ଦ୍ୱାରକୁ ଲାଗି ରହିଥିବା ଶାଖାରେ ଗୋଟିଏ ପାରା ବସାରେ ଅଣ୍ଡା ଦେଇ ବସିଛି ଏବଂ ବୁଢ଼ିଆଣୀ ଜାଲ ବୁଣି ଦେଇଛି ।

ଯଦିଚ ଏହି ବର୍ଣ୍ଣନା ଦୁର୍ବଳ ମନେ ହେଉଛି କିନ୍ତୁ ଯଦି ଏହିପରି ଘଟିଥାଏ ତେବେ ତାହା କୌଣସି ଆଶ୍ଚର୍ଯ୍ୟକର ବିଷୟ ନୁହେଁ । କାରଣ ଅନେକ ସମୟରେ ବୁଢିଆଣୀ କିଛି କ୍ଷଣରେ ହିଁ ଏକ ବିରାଟକାୟ ଜାଲ ବୁଣି ଦେଇଥାଏ ଏବଂ ପାରା ନିଜର ବସା ବାନ୍ଧି ଅଣ୍ଡା ଦେବାକୁ ମଧ୍ୟ ଅଧିକ ସମୟ ଲାଗି ନଥାଏ । ଅତଏବ ଯଦି ପରମେଶ୍ୱର ନିଜ ପ୍ରିୟ ଅବତାରଙ୍କ ସୁରକ୍ଷା ପାଇଁ ଏପରି ବ୍ୟବସ୍ଥା କରିଦେଲେ ତେବେ ଏହା କୌଣସି ଅସମ୍ଭବ ବିଷୟ ନୁହେଁ । ବରଂ ସେତେବେଳର ପରିସ୍ଥିତି ଅନୁକୂଳ ତାହା ପ୍ରଯୁଜ୍ୟ ଅଟେ । ବର୍ଣ୍ଣନା ମିଳୁଛି ଯେ କୁରୈଶ ଉକ୍ତ ସ୍ଥାନର ଏଭଳି ନିକଟତର ହୋଇଯାଇଥିଲେ ଯେ ସେମାନଙ୍କ ପାଦ ଗୁମ୍ଫା ଭିତରୁ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା ଓ ସେମାନଙ୍କ କଥା ଅତି ସହଜରେ ଶୁଣା ଯାଉଥିଲା । ଅମାନ୍ୟକାରୀଙ୍କୁ ଏପରି ନିକଟରେ ଦେଖି ହଜରତ ଅବୁବକରର.ଅ ମଧ୍ୟ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । କିନ୍ତୁ ହଜୁରସ.ଅ କହିଲେ; ହେ ଅବୁବକର ! ତୁମେ ସେହି ଦୁଇ ବ୍ୟକ୍ତିଙ୍କ ପ୍ରସଙ୍ଗରେ କ'ଣ ଚିନ୍ତା କରୁଛ ? ଯାହାଙ୍କ ସାଥିରେ ତୃତୟ ତାଙ୍କ ସୃଷ୍ଟିକର୍ତ୍ତା ରହିଛନ୍ତି । ଏଥିରେ ହଜରତ ଅବୁବକରର.ଅ କୋହ ଭରା କଣ୍ଠରେ କହିଲେ ହେ ଅଲ୍ଲାହ୍‌ଙ୍କ ରସୁଲସ.ଅ ! ଯଦି ମୁଁ ନିହତ ହୁଏ ତେବେ ଏହା କୌଣସି ବଡ଼ କଥା ନୁହେଁ । କିନ୍ତୁ (ପ୍ରଭୁ ନକରନ୍ତୁ) ଯଦି ଆପଣଙ୍କର କିଛି ଅନିଷ୍ଟ ହୁଏ ତେବେ ସମ୍ପୂର୍ଣ୍ଣ (ଇସଲାମ) ସମ୍ପ୍ରଦାୟ ଭୁଶୁଡ଼ି ପଡ଼ିବ ।

ହଜରତ ମୁସଲେହ ମଉଦର.ଅ କୁହନ୍ତି; ଉକ୍ତ ଘଟଣାର ଗୋଟିଏ ଦିଗ ଏପରି ପ୍ରତିପାଦିତ ହେଉଛି ଯେ ମୁସାଙ୍କ ଅନୁଗାମୀମାନେ ତାଙ୍କୁ ଉତ୍ତର ଦେଇଥିଲେ, ହେ ମୁସା ! ଆମେ ଧରା ପଡ଼ିଗଲୁ । କିନ୍ତୁ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଦୃଢ଼ ଆସ୍ଥା ଆପଣଙ୍କ ଅନୁଚରମାନଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ସେମାନଙ୍କ ମୁଖରୁ ଏଭଳି ଉକ୍ତି ନିସୃତ ହୋଇ ନଥିଲା ଯେ ଆମେ ଧରା ପଡ଼ିଗଲୁ । ସେ ମାତ୍ର ଏହା କହିଥିଲେ; **ଶତ୍ରୁ ଆମର ଏପରି ନିକଟତର ଯେ ଯଦି ସେ ଆମକୁ ଦେଖିବାକୁ ପ୍ରୟାସ କରିବ ତେବେ ଅତି ସହଜରେ ଦେଖିନେବେ ।**

ହଜରତ ମସିହ ମଉଦଅ.ସ କୁହନ୍ତି; ଏଭଳି ସଂକଟାପନ୍ନ ପରିସ୍ଥିତିରେ ହଜୁର ସ.ଅଙ୍କର ହଜରତ ଅବୁବକର ର.ଅଙ୍କୁ ଚୟନ କରିବା ଅବୁବକର ର.ଅଙ୍କର ପୂର୍ଣ୍ଣ ସତ୍ୟବାଦୀ ଓ ସର୍ବୋଚ୍ଚ ବିଶ୍ୱସ୍ତତାର ଜ୍ୱଳନ୍ତ ପ୍ରମାଣ ଅଟେ । ସେତେବେଳେ ଆପଣଙ୍କ ନିକଟରେ ୭୦/୮୦ଜଣ ସାହାବା ଉପସ୍ଥିତ ଥିଲେ । ଯେଉଁମାନଙ୍କ ମଧ୍ୟରେ ହଜରତ ଅଲୀର.ଅ ମଧ୍ୟ ସାମିଲ ଥିଲେ । କିନ୍ତୁ ହଜୁରସ.ଅ ହଜରତ ଅବୁବକର ର.ଅଙ୍କୁ ଚୟନ କରିଥିଲେ । ଏଥିରେ କ'ଣ ରହସ୍ୟ ଥିଲା ? ବାସ୍ତବ ପକ୍ଷେ ନବୀ ପ୍ରଭୁଙ୍କ ଚକ୍ଷୁରେ ଦେଖିଥାଏ ଏବଂ ତାଙ୍କର ବୁଝାମଣା ପ୍ରଭୁଙ୍କ ନିକଟରୁ ଆସିଥାଏ । ଅତଏବ ଅଲ୍ଲାହ୍‌ତାଲା ହିଁ ହଜୁର ସ.ଅଙ୍କୁ ଦିବ୍ୟସ୍ୱପ୍ନ ଓ ଐଶ୍ୱୀବାଣୀ ମାଧ୍ୟରେ ପ୍ରକାଶ କରିଦେଇଥିଲେ, ଯେ ଏହି କାର୍ଯ୍ୟ ପାଇଁ ସବୁଠାରୁ ଉତ୍ତମ ଓ ଉପଯୁକ୍ତ ପ୍ରାର୍ଥୀ ହଜରତ ଅବୁବକର ସିଦ୍ଦିକ୍ର.ଅ ଅଟନ୍ତି । ସେ ହିଁ ଏହି ଯାତ୍ରାରେ ଆପଣଙ୍କ ସାଥିରେ ରହିବେ । ତାହା ଏକ ବଡ଼ ଅଗ୍ନି ପରୀକ୍ଷାର ସମୟ ଥିଲା । ପୁନଶ୍ଚ ଦେଖ, ହଜରତ ଇଶା ମସିହଅ.ସ ଯେତେବେଳେ ଏପରି ସଂକଟାପନ୍ନ ପରିସ୍ଥିତିର ସମ୍ମୁଖୀନ ହେଲେ ସେତେବେଳେ ତାଙ୍କ ଅନୁଚରମାନେ ତାଙ୍କୁ ଛାଡ଼ି ପଳାୟନ କରିଗଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ତ' ଆପଣଙ୍କୁ ଅଭିଶାପ ଦେଲା । କିନ୍ତୁ ହଜୁର ସ.ଅଙ୍କ ସାହାବାମାନେ ପୂର୍ଣ୍ଣ ଆଜ୍ଞାବହତାର ନମୁନା ପ୍ରଦର୍ଶନ କରିଥିଲେ... । ଇନ୍ନଲ୍ଲାହା ମାଆନା ଏହି ଉକ୍ତିକୁ ଅନୁଧ୍ୟାନ କଲେ ମାଆନା ଶବ୍ଦ ପ୍ରକାଶ କରୁଛି ଯେ ଏଥିରୁ ଯଥାର୍ଥ ହଜୁରସ.ଅ ଓ ହଜରତ ଅବୁବକରର.ଅ ଦୁହେଁ ଅଟନ୍ତି । ଅର୍ଥାତ ଅଲ୍ଲାହ୍‌ତାଲା ତୁମ ଓ ମୋ ସହିତ ଅଛନ୍ତି । ଅଲ୍ଲାହ୍‌ତାଲା ଗୋଟିଏ ପଟରେ ହଜୁର ସ.ଅଙ୍କୁ ରଖିଥିଲେ ତ ଅନ୍ୟ ପାର୍ଶ୍ୱରେ ହଜରତ ଅବୁବକର ର.ଅଙ୍କୁ ରଖିଥିଲେ ।

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ପୂର୍ବ ପ୍ରସ୍ତୁତ ଯୋଜନା ମୁତାବକ ହଜରତ ଅବୁବକର ର.ଅଙ୍କର ପୁତ୍ର ଅବ୍‌ଦୁଲ୍ଲାହ୍ ରାତ୍ର ସମୟରେ ଗାରେ ସୋର ଆସି ମକ୍କାରେ ଘଟୁଥିବା ଦିନ ତମାମର ଘଟଣା ଚକ୍ରର ଖବର ଦେଉଥିଲେ ଏବଂ ପ୍ରଭାତରେ ସଅଳ ସଅଳ ମକ୍କା ଫେରି ଯାଉଥିଲେ, ଯେପରି ଅନ୍ୟମାନଙ୍କୁ ପ୍ରତୀତ ହେବ ଯେ ଆପଣ ମକ୍କାରେ ହିଁ ରାତି ଯାପନ କରିଛନ୍ତି । ଆମିର ବିନ୍ ଫୁହୈରାହ୍ ଏଭଳି ବିଚକ୍ଷଣ ବ୍ୟକ୍ତି ଥିଲେ ଯେ ସେ ସନ୍ଧ୍ୟା ବେଳେ କ୍ଷୀର ଦେବା ଛେଳିମାନଙ୍କୁ ସେଠାରୁ ପ୍ରତ୍ୟାବର୍ତ୍ତନ କରି ଆଣିବା ବେଳେ ଅବ୍‌ଦୁଲ୍ଲାହ୍ ବିନ୍ ଅବୁବକର ର.ଅଙ୍କ ପାଦ ଚିହ୍ନ ଲିଭେଇ ଆସୁଥିଲେ । ସହି ବୁଖାରୀ'ର ବର୍ଣ୍ଣନାନୁଯାୟୀ ଅବ୍‌ଦୁଲ୍ଲାହ୍ ବିନ୍ ଅରିକତ୍‌ଙ୍କ

ଠାରୁ ଏହି ପ୍ରତିଶୃତି ନିଆଯାଇଥିଲା ଯେ ସେ ତିନିଦିନ ପରେ ସୂର୍ଯ୍ୟୋଦୟ ସମୟରେ ଓଟଗୁଡ଼ିକୁ ନେଇ ଗାରେ ସୋର'ରେ ପହଂଚି ଯିବେ । ଅତଏବ ସେ ତୃତୀୟ ଦିନ ସେହି ଓଟଗୁଡ଼ିକୁ ନେଇ ସେଠାରେ ପହଂଚି ଯାଇଥିଲେ । ହଜୁର ସ.ଅଙ୍କର ଗୋଟିଏ ଓଟର ନାମ କସ୍‌ୱା ଥିବାର ଉଲ୍ଲେଖ ମିଳୁଛି । ଯାହା ଉପରେ ଆପଣ ଆରୋହଣ କରି ଏହି ଯାତ୍ରା କରିଥିଲେ । ହଜରତ ଅବୁବକର ର.ଅ ଆମିର ବିନ୍ ଫୁହେିରାଃଙ୍କୁ ନିଜ ସାଥିରେ ଓଟରେ ବସାଇ ଥିଲେ ଏବଂ ଅରିକତ୍ ନିଜ ଓଟ ଉପରେ ଏକାକୀ ଆରୋହଣ କରି ଏହି ଯାତ୍ରା କରିଥିଲେ । ସେତେବେଳେ ଘରେ ହଜରତ ଅବୁବକର ର.ଅଙ୍କ ନିକଟରେ ୫/୬ ହଜାର ଦିରହମ୍ ଥିଲା । ପ୍ରବାସ କରିବା ସମୟରେ ଆପଣ ନିଜର ସମସ୍ତ ଜମା ପୁଞ୍ଜି ସାଥିରେ ନେଇ ଯାଇଥିଲେ । ମକ୍କାରୁ ବାହାରିବା କ୍ଷଣି ଆପଣ ଅତି ମନସ୍ତାପର ସହିତ କହିଥିଲେ; **ଏହି ଲୋକମାନେ ନିଜ ଅବତାରଙ୍କୁ ବିତାଡ଼ିତ କଲେ । ବର୍ତ୍ତମାନ ଏମାନେ ନିଶ୍ଚିତ ରୂପେ ଧ୍ୱଂସ ହୋଇଯିବେ ।**

ଯେତେବେଳେ ହଜୁର ସ.ଅ ମକ୍କା ଠାରୁ ୮୨ ମିଲ୍ ଦୂରତାରେ ଅବସ୍ଥିତ ଜୁହ୍‌ଫା ସ୍ଥାନରେ ପହଂଚିଲେ, ଆପଣଙ୍କ ଉପରେ ଏହି ଐଶୀବାଣୀ ଅବତୀର୍ଣ୍ଣ ହେଲା, ଇନ୍ନଲ୍ ଲଜି ଫରଜା ଅଲୈକଲ୍ କୁରଆନା ଲରାଦ୍ ଦୁକା ଇଲା ମାଆଦ୍ ଅର୍ଥାତ ସେ ଯେ ତୁମ ପାଇଁ କୁରଆନ୍‌କୁ ଧର୍ମବିଧାନ ରୂପେ ଅବତୀର୍ଣ୍ଣ କଲେ । ସେ ସୁନିଶ୍ଚିତ ରୂପେ ତୁମକୁ (ଏହି ପବିତ୍ର ମକ୍କା) ସ୍ଥାନକୁ ଫେରାଇ ଆଣିବେ ।

ସମ୍ପୂର୍ଣ୍ଣ ରାତ୍ର ଏହି ଯାତ୍ରା ଅବ୍ୟାହତ ରହିଲା । ଏପରିକି ଯେତେବେଳେ ସୂର୍ଯ୍ୟ ମୁଣ୍ଡ ଉପରେ ପହଂଚିଗଲା ଅର୍ଥାତ ମଧ୍ୟାହ୍ନ ସମୟରେ ଯାଇ ଏହି ପ୍ରବାସ ଦଳଟି ଏକ ଚଟାଣ ଛାଇରେ ନିଜ କ୍ଲାନ୍ତ ଦୂର କରିବା ସକାଶେ ନିଜ ବାହନରୁ ଓହ୍ଲାଇଲେ । ହଜରତ ଅବୁବକର ର.ଅ ହଜୁର ସ.ଅଙ୍କ ପାଇଁ ଶେଯ ପାରି ଆପଣଙ୍କୁ ବିଶ୍ରାମ କରିବାକୁ ନିବେଦନ କଲେ । ଅତଏବ ହଜୁର ସ.ଅ ନିର୍ଦ୍ୱନ୍ଦରେ ତାହା ସ୍ୱୀକାର କରି ନେଲେ । ସେଥିଅନ୍ତେ ହଜରତ ଅବୁବକର ର.ଅ ବାହାରକୁ ବାହାରି ଏହା ସୁନିଶ୍ଚିତ କରିବାକୁ ଚାହିଁଲେ, ଯେ କେହି ସେମାନଙ୍କ ପଛ ତ ଧରି ନାହିଁ । ଏତିକି ବେଳେ ଦୂରରୁ ଜଣେ ପଶୁ ଚରାଳି (ଜଗୁଆଳୀ) ଛାଇ ପାଇବା ଆଶାରେ ସେଠାରେ ଆସି ପହଂଚିଗଲା । ହଜରତ ଅବୁବକର ର.ଅ ତାଙ୍କୁ କହିଲେ କ'ଣ ତୁମେ ଆମ ପାଇଁ କିଛି କ୍ଷୀର ଦୁହିଁ ଦେବ । ସେ ଉତ୍ତର ଦେଲେ ହଁ । ଆପଣ ତାଙ୍କୁ କହିଲେ; ପ୍ରଥମେ ପଶୁର ସ୍ତନକୁ ଭଲ ଭାବରେ ପରିଷ୍କାର କରିଦିଅ । ସେଥିଅନ୍ତେ ଆପଣ ନିଜ ତତ୍ତ୍ୱାବଧାନରେ କ୍ଷୀର ଦୁହାଁଇଲେ ଏବଂ ସେଥିରେ କିଛି ଜଳ ମିଶ୍ରିତ କଲେ ଯଦ୍ୱାରା ତାହା ସେବନ କରିବା ଉପଯୋଗୀ ହୋଇଯିବ । ତା'ପରେ ଆପଣ ତାହା ହଜୁର ସ.ଅଙ୍କ ସେବାରେ ଉପସ୍ଥାପନ କଲେ । ହଜୁର ସ.ଅ ଏତେ ମାତ୍ରାରେ କ୍ଷୀର ପାନ କଲେ ଯେ ହଜରତ ଅବୁବକର ର.ଅ କୁହନ୍ତି; ଏଥିରେ ମୁଁ ବହୁତ ଆନନ୍ଦିତ ହେଲି । ଅରିକତ୍ ପରି ଜଣେ ସୁଦକ୍ଷ ମାର୍ଗୀର ତତ୍ତ୍ୱାବଧାନରେ ଉପକୂଳବର୍ତ୍ତୀ ବସ୍ତି ମାର୍ଗରେ ମଦିନା ଅଭିମୁଖେ ଏହି ଯାତ୍ରା ଆରମ୍ଭ ହୋଇଥିଲା ।

ପୁରସ୍କାର ପାଇବା ଲୋଭରେ ହଜୁର ସ.ଅଙ୍କ ପଛରେ ସୁରାକା ବିନ୍ ମାଲିକ୍ ନାମି ଜଣେ ବ୍ୟକ୍ତି ମଧ୍ୟ ବାହାରି ଥିଲା । ଯେ ପରବର୍ତ୍ତୀ ସମୟରେ ମୁସଲମାନ ହୋଇଯାଇଥିଲେ । ସେ ସ୍ୱୟଂ ଏହି ଘଟଣାର ବ୍ୟାଖ୍ୟା କରି କୁହନ୍ତି; ମୁଁ ବାରମ୍ବାର ହଜୁର ସ.ଅଙ୍କ ସନ୍ଧାନରେ ନିଜ ଭାଗ୍ୟ ପରୀକ୍ଷା କରି ଗୁଳା ପକାଉଥିଲି କିନ୍ତୁ ପ୍ରତିଥର ମୋ ଭାଗ୍ୟରେ ବିପରୀତ ଫଳ ଉଠିବା ସତ୍ତ୍ୱେ ମୁଁ ପ୍ରୟାସ କରିବାରୁ ବିରତ ରହି ନଥିଲି । ମୋ ଓଟ ମଧ୍ୟ ଅତି ସାଙ୍ଘାତିକ ରୂପେ ଝୁଣ୍ଟି ତଳେ ପଡ଼ିଗଲା । ପୁନଶ୍ଚ ତାହାର ଗୋଡ଼ ବାଲୁକାରେ ଧଂସି ଗଲା । ଶେଷରେ ମୁଁ ବୁଝିଗଲି ଯେ ମୋର ହଜୁର ସ.ଅଙ୍କୁ ଧରିବାର ପ୍ରୟାସ କରିବା ବ୍ୟର୍ଥ ଅଟେ । ସେ ଦୂରରୁ ହଜୁର ସ.ଅଙ୍କ ଠାରୁ ସୁରକ୍ଷା ଭିକ୍ଷା କଲେ ଏବଂ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ; **ମୁଁ ପୂର୍ଣ୍ଣ ବିଶ୍ୱାସ ରଖୁଛି ଯେ ଦିନେ ଆପଣ ସମ୍ରାଟ ହେବେ । ତେଣୁକରି ଆପଣ ମୋ ପାଇଁ ଏକ ସନ୍ଧିପତ୍ର ଲେଖି ଦିଅନ୍ତୁ । ଯେତେବେଳେ କି ମୋ ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବ ।** ବସ୍ତୁତଃ ହଜୁର ସ.ଅ ତାଙ୍କ ପାଇଁ ତାହା ଲେଖିଦେଲେ ।

ଏହି ପରିପ୍ରେକ୍ଷୀରେ ଅଧିକ ଚର୍ଚ୍ଚା ଇନ୍‌ଶା ଅଲ୍ଲାଃ ଆସନ୍ତାରେ ହେବ । ସେଥିଅନ୍ତେ ହଜୁର ଅନଓ୍ୱର[ଅ.ବ] କହିଲେ; ନୂତନ ବର୍ଷର ସୁଭାରମ୍ଭରେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଅହେମଦୀମାନେ ଦୁଆ, ନଓ୍ୱାଫିଲ୍ ଓ ବ୍ୟକ୍ତିଗତ ତଥା ସାମୂହିକ ତହଜୁଦ୍ ପାଠ କରିବାର ଆୟୋଜନ କରିବା ସହିତ ଦରୁଦ୍ ଶରିଫ୍, କ୍ଷମା ଯାଚନା ଏବଂ ନିମ୍ନ ଦୁଆ ଆବୃତ୍ତି କରିବେ । ରବ୍‌ବନା ଲାତୁଯିଗ୍ କୁଲୁବନା ବାଦା ଇଜ୍ ହଦୈତନା ଓ୍ୱହବ୍‌ଲନା ମିଲ୍ ଲଦୁନ୍‌କା ରହ୍‌ମତନ୍ ଇନ୍ନକା ଅନ୍‌ତଲ୍ ଓ୍ୱହାବ୍ ଏବଂ ରବ୍‌ବନଗ୍ ଫିର୍‌ଲନା ଯୁନୁବନା ଓ୍ୱଇସ୍‌ରଫନା ଫି ଅମ୍‌ରିନା ଓ୍ୱସବ୍‌ବିତ୍ ଅକ୍‌ଦାମନା ଓ୍ୱନ୍‌ସୁର୍‌ନା ଅଲଲ୍‌କୌମିଲ୍ କାଫିରିନ୍ ।

ଖୁତ୍‌ବାର ପରିସମାପ୍ତିରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ତିନି ଜଣ ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ସେମାନେ ହେଲେ ଶ୍ରୀମାନ ମଲକ୍ ଫାରୁକ୍ ଅହମଦ ଖୋଖର ସାହେବ ପୂର୍ବତନ ଅମିର ଜିଲା ମୁଲତାନ୍ । ଶ୍ରୀମାନ ରହ୍‌ମତୁଲ୍ଲାଃ ସାହେବ ଇଣ୍ଡୋନେସିଆ ନିବାସୀ । ଶ୍ରୀମାନ ଅଲ୍ ହାଜ୍ ଅବଦୁଲ୍ ହମିଦ୍ ଟାକ୍ ସାହେବ ୟାରିପୁରା କାଶ୍ମୀର । ହଜୁର ଅନଓ୍ୱର[ଅ.ବ] କହିଲେ; ଏ ଚଳିତ ଡ଼ିସେମ୍ବର ମାସ ୨୪ ତାରିଖ ଦିନ ୯୪ ବର୍ଷ ବୟସରେ ଇହଧାମ ତ୍ୟାଗ କରିଗଲେ । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସି ଥିଲେ । ସେ ମୁହମ୍ମଦ ଅକରମ୍ ଟାକ୍ ସାହେବ ୟାରିପୁରା କାଶ୍ମୀରଙ୍କର ପୁତ୍ର ଥିଲେ । ସେ ସେଠାକାର ପ୍ରାରମ୍ଭିକ ଅହେମଦିମାନଙ୍କ ମଧ୍ୟରୁ ଜଣେ ଥିଲେ । ମୃତକ ଅତି ପୁଣ୍ୟବାନ, ନମ୍ର, ମେଳାପି, ସମସ୍ତଙ୍କର ପ୍ରିୟ ଓ ଗମ୍ଭୀର ସ୍ୱଭାବି ବ୍ୟକ୍ତି ଥିଲେ । ଦୀର୍ଘ ଦିନ ପର୍ଯ୍ୟନ୍ତ ଜମାଅତର ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ଜମ୍ମୁ କାଶ୍ମୀରର ରାଜ୍ୟ ସ୍ତରୀୟ ଅମିର ଓ ନାଜିମ୍ ଅନ୍‌ସାରୁଲ୍ଲାଃ ଭାବରେ ମଧ୍ୟ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସ୍ଥାନୀୟ ଜମାଅତରେ ସ୍ଥାନୀୟ ପଦବୀରେ ମଧ୍ୟ ବହୁତ ସେବା କରିଛନ୍ତି । ବର୍ଷ ବର୍ଷ ଧରି ଅଞ୍ଜୁମନ ତେହରିକେ ଜଦିଦ୍ ଭାରତର ସଦସ୍ୟ ଓ ଅଂଶ ବିଶେଷ ରହିଥିଲେ । ରାଜ୍ୟ ସ୍ତରୀୟ ଅମିର ଦାୟିତ୍ୱରେ ମୁତୟନ ଥିବା ସମୟରେ ଅର୍ଥାତ ତାଙ୍କ କାର୍ଯ୍ୟ କାଳରେ ୧୯୮୭ ମସିହାରେ କାଶ୍ମୀର ରାଜ୍ୟରେ ପାଂଚ ଗୋଟି ଜମାଅତୀୟ ସ୍କୁଲ୍ ସ୍ଥାପନ ହୋଇଥିଲା । ଅନେକ ମିଶ୍‌ନ ହାଉସ୍ ଓ ମସଜିଦ୍ ନିର୍ମାଣ କରେଇବାରେ ମଧ୍ୟ ତାଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେ କଠୋର ପରିଶ୍ରମ କରି ତାହା ସମ୍ପନ୍ନ କରିଥିଲେ । ଯୁବକମାନଙ୍କ ଜ୍ଞାନ ଅଭିବୃଦ୍ଧି କରିବା ଓ ସେମାନଙ୍କୁ ସୁଦକ୍ଷ କରିବା ସକାଶେ ସେ ସର୍ବଦା ପ୍ରୟାସରତ ରହୁଥିଲେ । ୟାରିପୁରା ଅଂଚଳରେ ତାଙ୍କର ସାମାଜିକ ସେବା ଯୋଗୁଁ ସଭିଏଁ ତାଙ୍କର ଆଦର ସମ୍ମାନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ଆଚରଣ ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କ ସନ୍ତାନ ସନ୍ତତିଙ୍କୁ ପୁଣ୍ୟବାନ ଓ ଭଦ୍ର ସ୍ୱଭାବରେ ବିମଣ୍ଡିତ କରନ୍ତୁ । ହଜୁର ଅନଓ୍ୱର[ଅ.ବ] ସମସ୍ତ ମୃତକଙ୍କ ପ୍ରତି ଅଲ୍ଲାଃତାଲା କ୍ଷମା ଆଚରଣ ପ୍ରଦର୍ଶନ କରିବା ଓ ବୈକୁଣ୍ଠରେ ସେମାନଙ୍କ ସ୍ତରବୃଦ୍ଧି ପାଇଁ ଦୁଆ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

31st December 2021